# ତହସିଲ କାର୍ଯ୍ୟାଳୟ, ଜୟପୁର, ଜିଲ୍ଲା- କୋରାପୁଟ

## ଲଘୁ ଖଣିଜ ଦ୍ରବ୍ୟ ଦିର୍ଘମିଆଦି ଲିଜ ନିମନ୍ତେ ବିଜ୍ଞାପନ

ତହସିଲ କାର୍ଯ୍ୟାଳୟ, ଜୟପୁର

ବିଜ୍ଞପ୍ତି ସଂଖ୍ୟା 1560 ତା 25.05.2022

ଜୟପୁର ଅନ୍ତର୍ଗତ 4 ଗୋଟି ଲଘୁ ଖଣିଜ ଦ୍ରବ୍ୟ ଗୁଡିକ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ଲିଜ ଇସ୍ତାହାର ପ୍ରକାସିତ ହୋଇଅଛି ଏହି ଇସ୍ତାହାର ସମନ୍ଧୀୟ ସମସ୍ତ ତଥ୍ୟ କୋରାପୁଟ ଜିଲ୍ଲା website-http://koraput.nic.in ରେ ଉପଲବ୍ଧ ଅଛି । ନିଲାମ ରେ ଭାଗନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ୱେବସାଇଟ ରୁ ସମସ୍ତ ତଥ୍ୟ ହାସଲ କରି ଆବେଦନ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ, ଜୟପୁର ଠାରେ ଯୋଗାଯୋଗ କରି ନିଲାମ ସମନ୍ଧୀୟ ସମସ୍ତ ତଥ୍ୟ ହାସଲ କରିପାରିବେ ।

ବନ୍ଦ ଲଫାପାରେ ଦରଖାସ୍ତ ଗ୍ରହଣ ର ଶେଷ ତାରିଖ 08.06.2022 ଦିବା 1.00 ପର୍ଯ୍ୟନ୍ତ ଏବଂ ତା 09.06.2022 ରିଖ 9.00 ଘଟିକା ରେ ପ୍ରଥମ ପର୍ଯ୍ୟାୟ ଲିଜ ପ୍ରକ୍ରିୟା ଚୂଡାନ୍ତ ହେବ ଏବଂ ଯେଉଁ ଉସ ଗୁଡିକର ଲିଜ ପ୍ରକ୍ରିୟା ଚୂଡାନ୍ତ ହୋଇ ନପାରିଲେ ସେହି ଉସ ଗୁଡିକ ଦ୍ୱିତୀୟ ଥର ପାଇଁ 17.06.2022 ଓ ତୃତୀୟ ଥର ପାଇଁ ତା 24.06.2022 ଦିବା 11.00 ଘଟିକା କୁ ଧାର୍ଯ୍ୟ ହୋଇଅଛି ଗୃହିତ ଦରଖାସ୍ତ ଗୁଡିକ ସେହି ଦିନ ମାନଙ୍କରେ ବିଜ୍ଞାପନରେ ଦର୍ଶାଯାଇଥିବା ସମୟରେ ନିମ୍ନ ସ୍ୱାକ୍ଷର କାରୀଙ୍କ କାର୍ଯ୍ୟାଳୟରେ ଖୋଲା ହେବ ଏବଂ ଲିଜ ପ୍ରକ୍ରିୟା ଚୁଡାନ୍ତ ହେବ ।

ପ୍ରତିପତ୍ର ସଂଖ୍ୟା 1561/2022 ତା 25.05.22

ଏହାର ଏକକିତା ନକଲ D.I.O., NIC, କୋରାପୁଟଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା.

ତହସିଲଦାର, ଜୟପୁର
Tahasildar
JEYPORE 25.05.22

ପରିପତ୍ର ସଂଖ୍ୟା 1562/2022

ଏହାର ଏକକିତା ନକଲ ଜିଲ୍ଲାପାଳ, କୋରାପୁଟ/ ଉପଜିଲ୍ଲାପାଳ, ଜୟପୁର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଜୟପୁର
Tahasildar
JEYPORE 25.05.22

ପରିପତ୍ର ସଂଖ୍ୟା 1563/2022

ଏହାର ଏକକିତା ନକଲ ଯୁଗ୍ମ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା, ଭୁବନେଶ୍ୱର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଉପରୋକ୍ତ ବିଜ୍ଞାପନକୁ (8cmx8cm) ଆସନ୍ତା 26.05.2022 ରିଖ ଦିନ ଦୈନିକ ଓଡିଆ ଖବର କାଗଜରେ ଛାପିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ଜୟପୁର
Tahasildar
JEYPORE

Scanned By KagazScanner

# ତହସିଲ କାର୍ଯ୍ୟାଳୟ, ଜୟପୁର, ଜିଲ୍ଲା- କୋରାପୁଟ

ବିଜ୍ଞାପନ ପତ୍ର ସଂ ଖ୍ୟା ୧୨୮୦ ତା. ୨୫.୫.୨୦୨୨

## ଲଘୁ ଖଣିଜ ଦ୍ରବ୍ୟ ଦିର୍ଘମିଆଦି ଲିଜ ନିମନ୍ତେ ବିଜ୍ଞାପନ

( ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ ଆଇନ 2016 ଅନୁଯାୟୀ) Amendment Rule-2022

ଏତଦ୍ ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୋରାପୁଟ ଜିଲ୍ଲା ଅଧିନସ୍ଥ ଜୟପୁର ତହସିଲ ରେ ନିମ୍ନଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଗୁଡିକୁ 2022-23 ରୁ 5 ବର୍ଷ ପାଇଁ ଲିଜ୍ ଦିର୍ଘମିଆଦି ସୂତ୍ରରେ କରିବା ପାଇଁ ସ୍ଥିର କରାଯାଇ ଅଛି ଏବଂ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।-

ଇଚ୍ଛୁକ ବ୍ୟକ୍ତି ବିଶେଷ ଫର୍ମ 'M' ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତର ତିନି (3) ସେଟ୍ ଜଉମୁଦ ଲଫାପାରେ ଆସନ୍ତା ତା.0୪.06.2022 ରିଖ ଦିବା 1.00 ଘଟିକା ସମୟ ପର୍ଯ୍ୟନ୍ତ ତହସିଲଦାର , ଜୟପୁର କାର୍ଯ୍ୟାଳୟ ରେ ଥିବା Drop Box ରେ ଦାଖଲ କରିବା ହେବେ। ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୈଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଏ ସମସ୍ତ ଦରଖାସ୍ତ ଗୁଡିକ ତା. 09.06.2022 ରିଖ ଦିବା ୨.00 ଘଟିକା ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟା ରେ ନିଜେ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତ ହୋଇ ପାରନ୍ତି। ଜଉମୁଦ ଲଫାପା ଦାଖଲ ଦେଲାବେଳେ ନିର୍ଦ୍ଧିଷ୍ଟ ଲଫାପାର ଉପରଭାଗରେ ସୈରାତ ଉତ୍ସ ର ନାମ ସଠିକ୍ ରୁପେ ଲେଖିବାକୁ ପଡିବ। ଦରଖାସ୍ତକାରୀ ଅଲଗା ଅଲଗା ସୌରାତ ଉତ୍ସ ପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଜଉମୁଦ ଲଫାପା ରେ ଦାଖଲ ଦେବେ। ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ହୋଇନଥାଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଦ୍ୱତୀୟ ଥର ପାଇଁ ତା 17.06.2022 ରିଖ ଓ ତୃତୀୟ ଥର ପାଇଁ ତା.24.06.2022 ରିଖ ଦି ବା 11.00 ଘଟିକା ସମୟରେ ଉକ୍ତ ଦିନ ମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ନିଜେ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତ ରହିପାରନ୍ତି। ଏହି ବିଜ୍ଞାପନ ସମନ୍ଧୀୟ ସମସ୍ତ ତଥ୍ୟ କୋରାପୁଟ ଜିଲ୍ଲା website-http://koraput.nic.in ରେ ଉପଲବ୍ଧ ଅଟେ।

ଦରଖାସ୍ତ ସହିତ ନିମ୍ନ ଲିଖିତ କାଗଜାତ ଦେବା ବିଧେୟ-

1. ଦରଖାସ୍ତ ଫିସ ବାବଦକୁ ଟ୍ରେଜେରି ଚଲାଣ( ମୂଳକପି) ଟ. 1000/- ( Non refundable) in Head of account 0853-Non-ferrous and metallurgical Industries -102-Mineral Concession fees, Rent and Royalties. ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ।
2. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସ ସମ୍ପୁର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା ଉତ୍ସର ନାମ, ଖାତା ନଂ, ପ୍ଲଟ ନଂ ରକବା ଏବଂ କିସମର ସିଠିକ୍ ତଥ୍ୟ ଲେଖିବା ବିଧେୟ।
3. ଦରଖାସ୍ତକାରୀଙ୍କ ନାମରେ ଖଣିଜ ଦ୍ରବ୍ୟ ବାବଦରେ ଓଡିଶା ସରକାରଙ୍କର କୌଣସି ଦେୟ ବକେୟା ନଥିବା ସମନ୍ଧେ ଏକ ସତ୍ୟପାଠ ଦାଖଲ କରିବେ।
4. ଦରଖାସ୍ତକାରୀ ସାରଣୀ-1ର ସ୍ତମ୍ଭ-12 ଦର୍ଶିତ ମୂଲ୍ୟର Bank Guarantee ଯାହାର ଅବଧି ପରବର୍ତ୍ତି 1୪ ମାସ ପର୍ଯ୍ୟନ୍ତ ଥିବ ତାହା ଦାଖଲ କରିବେ ।
5. ଦରଖାସ୍ତକାରୀ ସାରଣୀ-1ର ସ୍ତମ୍ଭ-13 ଦର୍ଶିତ ମୂଲ୍ୟର E.M.D ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ପୈଠ କରିବେ ।
6. କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସାକ୍ଷରକାରୀଙ୍କ ରହିଛି।
7. ସମସ୍ତ ଦରଖାସ୍ତ କାରୀ Odisha Minor Mineral Concession Rules -2016 ଓ Odisha Minor Mineral Concession (Amendment) Rules-2017 ର ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ବିଧେୟ ।
8. G.S.T ସମନ୍ଧୀୟ ତତ୍ତ୍ୱାବଧାନ ଆଧିକାରୀ ଙ୍କ ଠାରୁ ବକେୟା ନଥିବା ପ୍ରମାଣପତ୍ର ( G.S.T. No dues Certificate) ସଂଲଗ୍ନ କରିବେ।

Tahasildar
JEYPORE

Scanned By KagazScanner

**ଏତଦ୍ ବ୍ୟତୀତ ଦରଖାସ୍ତକାରୀ ମାନେ ନିମ୍ନୋକ୍ତ ସର୍ତ୍ତ ଗୁଡିକ ସମ୍ବନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଉଅଛି**

1. ଦରଖାସ୍ତ ଦେବା ପୂର୍ବରୁ ସୈରାତ୍ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ର ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ଆଦି ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ।
2. OMMC Rules-2016 Amendment Rule-2022 ଆନୁଯାୟୀ ବାଲି ଉତ୍ସ ପାଇଁ ବାଲିର royalty ପ୍ରତି ଘନ ମିଟର ପିଛା 35 ଟଙ୍କା, ପଥର ଖାଦାନ ପାଇଁ ପଥରର royalty ପ୍ରତି ଘନ ମିଟର ପିଛା 130 ଟଙ୍କା,ଧାର୍ଯ୍ୟ ହୋଇଅଛି। ଏହା ଅପରିବର୍ତ୍ତିତ ମାତ୍ର ଯୋଗ୍ୟ ଦରଖାସ୍ତ କାରୀଙ୍କୁ ସାରଣୀ-1 ର ସ୍ତମ୍ଭ -9 ଲିଖିତ ନିର୍ଦ୍ଦିଷ୍ଟ ଉତ୍ସ ଅନୁଯାୟୀ Additional Charge ର ମୂଲ୍ୟ ଅତିକମରେ ସାରଣୀ 1ର 10 ନଂ ସ୍ତମ୍ଭ ରେ ଧାର୍ଯ୍ୟ ମୂଲ୍ୟ ବା ତଦୁର୍ଦ୍ଧ Quote କରିବାକୁ ପଡିବ । କୌଣସି ପରିସ୍ଥିତିରେ Additional Charge ର ମୂଲ୍ୟ ରୁ କମ ଦରରେ ଲିଜ ଅନୁମୋଦନ କରାଯିବ ନାହିଁ। ଯଦି ଏକାଧିକ ଦରଖାସ୍ତ କାରୀ ସର୍ବୋଚ୍ଚ ସମପରିମାଣର Additional Charge ଦାଖଲ ଦେଇ ଥାନ୍ତି ତାହାହେଲେ ଏହା ଲଟେରୀ ମାଧ୍ୟମରେ ଚୟନ କରାଯିବ। ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସାତ ଦିନ ମଧ୍ୟରେ Form-JA ମାଧ୍ୟମରେ ଏ ବିଷୟରେ ଜଣାଇଦିଆଯିବ। ଏବଂ ତାଙ୍କର ସହମତି 15 ଦିନ ମଧ୍ୟରେ ତହସିଲଦାରଙ୍କ ଲିଖିତ ଆକାରରେ ଜଣାଇବେ।
3. ଉତ୍ସ ପରିଚାଳନା ପୂର୍ବରୁ ନିଲାମଧାରୀଙ୍କୁ E.C ଓ Mining Plan ପ୍ରସ୍ତୁତ ଖର୍ଚ୍ଚ କରିବାକୁ ପଡିବ। ଏହା ବ୍ୟତୀତ ଓଡିଶା ରାଜ୍ୟ ପ୍ରଦୂଷଣ ସାଖା, ରାୟଗଡା ଙ୍କ ଠାରୁ CTE(Consent to Establish)/CTO(Consent to Operate)ର ଆଦେଶ ମଧ ଉତ୍ସ ର ପରିଚାଳନା ପୂର୍ବରୁ ତହସିଲ କାର୍ଯ୍ୟାଳୟ ରେ ଦାଖଲ ଦେବାକୁ ହେବ।
4. ଏଥିସହ Royalty or Dead rent, Surface Rent , Fees for Compensatory aforestation/ fees for environment management fund(EMF)/fees for District Mineral Foundation (DMF), Income tax ଏବଂ GST ବାବଦକୁ 18% ନିର୍ଦ୍ଧାରିତ ଦେୟ ପଇଠ କରିବାକୁ ହେବ ଏବଂ ଉପରୋକ୍ତ ଦେୟ ଦାଖଲ କରିବା ପରେ ତିନି ସପ୍ତାହ ମଧ୍ୟରେ Indian Registration Act. And stamp Act ଅନୁସାରେ ନିମ୍ନ ସାକ୍ଷର କାରୀଙ୍କ ସହିତ ନିଜ ଖର୍ଚ୍ଚରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିବେ। ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଅଗ୍ରାହ୍ୟ କରାଯିବ ।ଏବଂ Security deposit କୁ ବାଜାପ୍ତ କରାଯିବ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ଅନୁରୂପ ସର୍ତ୍ତ ପାଳନ ସହ ନିଲାମ ନେବା ପାଇଁ ସୁଯୋଗ ପ୍ରଦାନ କରାଯିବ।
5. ଯଦି ନିଲାମଧାରୀଙ୍କ ର Royalty ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତାହେଲେ ତାଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପଇଠ କରି ପରିଚାଳନା କରିପାରିବେ।
6. ଯଦି ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀ ଠିକ ସମୟରେ ସରକାରୀ ଦେୟ ପଇଠ ନକରନ୍ତି ବା ନିଲାମ ସର୍ତ୍ତାବଳୀ ଖିଲାପ କରନ୍ତି ତାହାହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀ ଙ୍କୁ ସୈରାତ ଉତ୍ସ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପୈଠ ପାଇଁ ଆହ୍ୱାନ କରାଯିବ ଏବଂ ସମସ୍ତ ସରକାରୀ ଦେୟ ପୈଠ ପରେ ଓ ନିମ୍ନ ସ୍ୱାକ୍ଷର କାରୀଙ୍କ ସହିତ ଚୁକ୍ତି ପରେ ସୈରାତ ଉତ୍ସ ପରିଚାଳନା ପାଇଁ ସୁଯୋଗ ଦିଆଯିବ।
7. ହିସାବ ଅନୁଯାୟୀ ରୟାଲଟି ଏବଂAdditional Charge ଓ ଅନ୍ୟାନ୍ୟ ଦେୟ ନଗଦ କିମ୍ବା Demand Draft ଆକାରରେ ଦାଖଲ କରିବେ।
8. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ Concrete Pillar ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାବରେ display board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା ସହିତ ଉତ୍ସର ନାମ, ଜମିର ବିବରଣୀ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ
9. ବାର୍ଷିକ ମୋଟ ଦେୟର 2% ଲିଜ ଧାରୀ ଆୟକର ବା TCS ଆକାରରେ ଟଙ୍କା ଜମା କରିବେ।
10. ଲିଜପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ହେବନାହିଁ। କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।
11. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସୀ ପ୍ରାକୃତିକ ବିପର୍ଯ୍ୟୟ ହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।
12. ଲଘୁ ଖଣିଜ ପଦାର୍ଥ ପାଇଁ Royalty, Surface rent, DMF, IT ଏବଂ GST ସରକାରଙ୍କ ଧାର୍ଯ୍ୟ ନିୟମ ଅନୁଯାଇ ଦେବାକୁ ହେବ।
13. ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି, ତାହାହେଲେ EMD ଓ Security Deposit ବାବଦକୁ ଥିବା ଦେୟକୁ ବାଜ୍ୟାପ୍ତ କରାଯିବ ଏବଂ ଆବଶ୍ୟକ ସ୍ଥଳେ ବକେୟା ସରକାରୀ ଦେୟ OPDR କେସ ମାଧ୍ୟମରେ ଆଦାୟ କରାଯିବ। ଲିଜ ଚୁକ୍ତିନାମା ଦରଖାସ୍ତ ପରେ ଯଦି କୌଣସି ଲିଜ ଧାରୀ Odisha Minor Mineral Concession Rules -2016 ଓ Odisha Minor Mineral Concession (Amendment) Rules-2017 & 2022 ର ଉଲ୍ଲଙ୍ଘନ କରନ୍ତି ତାହାହେଲେ ଲିଜ ଧାରୀଙ୍କର ଲିଜ କୁ ରାଜ୍ୟ ସରକାରଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ । କୌଣସି କାରଣ ନଦର୍ଶାଇ ଏହି ବିଜ୍ଞାପନ କୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷର ଅଧିକାରୀଙ୍କ ରହିଅଛି। ଲଘୁ ଖଣିଜ ଉତ୍ସର ସମସ୍ତ ସବିଶେଷ ବିବରଣୀ ସାରଣୀ-1 ରେ ବର୍ଣ୍ଣିତ ଅଛି।

**14. ସୈରାତ ଉତ୍ସର ବିବରଣୀ-1**

| କ୍ର. ନଂ | ସୈରାତ ଉତ୍ସର ନାମ | ମୌଜାର ନାମ | ସୈରାତ ର ପ୍ରକାର | ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | କିସମ | ରୟାଲଟି ଦର (ଟଙ୍କାରେ/ ଘନ ମି. ପ୍ରତି) | ଅତିରିକ୍ତ ଦେୟ (ଟଙ୍କାରେ / ଘନ ମି. ପ୍ରତି) | ଏମ୍. ଡି. କ୍ୟୁ | ବ୍ୟାଙ୍କ୍ ଗ୍ୟାରେଣ୍ଟି | ଇ. ଏମ୍. ଡି ରାଶି |
|---|---|---|---|---|---|---|---|---|---|---|---|---|
| 1 | ବାଲିଯୋଡି | ବାଲିଯୋଡି | ପଥର ଖାଦାନ | 104 | 274 | 1.00 | ପାହାଡ | 130.00 | 140.00 | 1500 | 405000 | 506250 |
| 2 | ପତୁପୁର | ପତୁପୁର | ପଥର ଖାଦାନ | 118 | 385 | 0.50 | ପଥରବଣୀ | 130.00 | 140.00 | 1000 | 270000 | 337500 |
| 3 | ଗିରିଗାଁ | ଗିରିଗାଁ | ପଥର ଖାଦାନ | 153 | 383 | 0.50 | ପାହାଡ | 130.00 | 140.00 | 1000 | 270000 | 337500 |
| 4 | ପୁଜାରୀପୁଟ | ପୁଜାରୀପୁଟ | ବାଲିଖାଦାନ | 34 | 259, 191/261 | 12.35 | ନଦୀ | 35.00 | 15.00 | 2000 | 125000 | 100000 |

ପରିପତ୍ର ସଂଖ୍ୟା...1559/2022 ତା...25.05.22

ଏହାର ଏକକିତା ନକଲ DIO, NIC, କୋରାପୁଟ/ ଉପଜିଲ୍ଲାପାଳ, ଜୟପୁର /ଗୋଷ୍ଠି ଉନ୍ନୟନ ଅଧିକାରୀ, ଜୟପୁର/କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜୟପୁର ପୌରପାଳିକା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ବିଶେଷ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର
JEYPORE

Scanned By KagazScanner